# NATIONAL NEWS BULLETIN (ODIA)

**6 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଆଜି ମଧ୍ୟ ସଂସଦର ଉଭୟ ସଦନର କାର୍ଯ୍ୟ ବାଧାପ୍ରାପ୍ତ

- ଦେଶର ପ୍ରମୁଖ ବିପଦପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସୁରକ୍ଷା ପରିସ୍ଥିତିକୁ ସୁନିଶ୍ଚିତ କରିବା ନେଇ ପରାମର୍ଶାବଳୀ ଜାରି କଲେ କେନ୍ଦ୍ର ସରକାର

- ବିଶ୍ୱ ସ୍ତରରେ ଭାରତ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହୋଇଛି, କହିଲେ ବନ୍ଦର-ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ

- ମୁମ୍ବାଇରେ ଆରମ୍ଭ ହେଲା ୨ ଦିନିଆ ବ୍ରିକ୍ସ ୱେଭ୍‌ସ ବଜାର

ଏବଂ

- ଏଏଚ୍‌ଏଫ୍ ଜୁନିଅର ଏସୀୟ କପ୍ ମହିଳା ହକି ପ୍ରତିଯୋଗିତା ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷିତ

---

## ଏଲ୍‌ଏସ୍

ନିଟ୍ ପ୍ରସଙ୍ଗ ନେଇ ଛାତ୍ର ପ୍ରତିବାଦକାରୀଙ୍କ ଉପରେ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟ କେତେକ ପ୍ରସଙ୍ଗ ଆଧାରରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭାର ଗୃହକାର୍ଯ୍ୟ ଆଜି ବାଧାପ୍ରାପ୍ତ

ହୋଇଛି । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ହିରୋସୀମା ଓ ନାଗାସାକି ପରମାଣୁ ବୋମା ବିସ୍ଫୋରଣ ଘଟଣାର ସ୍ମରଣ କରାଇଥିଲେ । ୮୧ ବର୍ଷ ତଳେ ଘଟିଥିବା ଏହି ଘଟଣାର ପୀଡ଼ିତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରୀ ବିର୍ଲା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଗଷ୍ଟ ୬ ଓ ୯ ତାରିଖରେ ଜାପାନର ଏହି ଦୁଇଟି ସହର ଉପରେ ପରମାଣୁ ବୋମା ନିକ୍ଷେପ ଯୋଗୁଁ ଲକ୍ଷଲକ୍ଷ ନାଗରିକଙ୍କର ମୃତ୍ୟୁ ହେବା ସହ ବହୁ ଲୋକ ଆହତ ହୋଇଥିଲେ। ଏହି ଘଟଣା ପରେ ପ୍ରଥମଥର ପାଇଁ ବିଶ୍ୱ ପରମାଣୁ ଅସ୍ତ୍ରର ବିନାଶକାରୀ ପ୍ରଭାବ ସଂପର୍କରେ ଜାଣିବାକୁ ପାଇଥିଲା । ବିନାଶକାରୀ ଅସ୍ତ୍ର ମୁକ୍ତ ବିଶ୍ୱ ଗଠନରେ ଭାରତର ଅଙ୍ଗୀକାରବଦ୍ଧତା ଉପରେ ଶ୍ରୀ ବିର୍ଲା ଏହି ଅବସରରେ ଆଲୋକପାତ କରିଥିଲେ । ବିଶ୍ୱ ଶାନ୍ତି ଓ ସଦ୍‌ଭାବକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ ।

**V/O**

ଗୃହରେ ଏହି ବିସ୍ଫୋରଣ ଘଟଣାର ପୀଡ଼ିତଙ୍କ ଉଦ୍ଦେଶ୍ୟରେ ନିରବତା ଅବଲମ୍ବନ କରାଯାଇଥିଲା । ଏହାପରେ ପ୍ରଶ୍ନକାଳ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ବିଭିନ୍ନ ଦାବି ନେଇ ଗୃହରେ ହଟ୍ଟଗୋଳ ଆରମ୍ଭ କରିଥିଲେ । ପ୍ରଶ୍ନକାଳ ଗୃହ କାର୍ଯ୍ୟକାରିତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ପ୍ରତ୍ୟେକ ସଦସ୍ୟ ଏହାର ସୁଯୋଗ ନେବା ଉଚିତ ବୋଲି ଶ୍ରୀ ବିର୍ଲା କହିଥିଲେ । ଏଥିସହ ସଂସଦ କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ତେବେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ହେବାରୁ ଶ୍ରୀ ବିର୍ଲା ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

........................................................

# ଆର୍ଏସ୍

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବାଣିଜ୍ୟ, ଶିଳ୍ପ ଏବଂ ରସାୟନ ଓ ସାର ବିଭାଗ ସଂପର୍କିତ ସଂସଦୀୟ ସ୍ଥାୟୀ କମିଟି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା । ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଶୂନ୍ୟକାଳ ଆରମ୍ଭ କରିଥିଲେ । କେତେକ ସଦସ୍ୟ ଗୃହରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ଆଲୋଚନା କାଳରେ ପ୍ରତ୍ୟେକ ସଦସ୍ୟ ସେମାନଙ୍କର ମତ ଉପସ୍ଥାପନ କରିପାରିବେ । ତେବେ ଏହା ଶୃଙ୍ଖଳିତ ଏବଂ ଅର୍ଥପୂର୍ଣ୍ଣ ଭାବରେ ହେବା ଉଚିତ ।

ତେବେ ଗୃହରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ପରିସ୍ଥିତି ଜାରି ରହିବାରୁ ଅଧ୍ୟକ୍ଷ ଶ୍ରୀ ରାଧାକ୍ରିଷ୍ଣନ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଏହା ପରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀଙ୍କ ପୁନଃ ହଟ୍ଟଗୋଳ ମଧ୍ୟରେ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଦେଶରେ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସଂପର୍କିତ ଏକ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ତେବେ ବିରୋଧୀଙ୍କ ହଟ୍ଟଗୋଳ ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ଗୃହକୁ ଅପରାହ୍ନ ୨ଟା ୧୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

..........................................................................

# ଗଜେନ୍ଦ୍ର ସିଂ ଶେଖାୱତ

ଦେଶର ସମସ୍ତ ପ୍ରମୁଖ ବିପଦପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ସ୍ୱାସ୍ଥ୍ୟସେବା ଏବଂ ସୁରକ୍ଷା ପରିସ୍ଥିତିକୁ ସୁନିଶ୍ଚିତ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି । ରାଜ୍ୟସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, ସଂପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏ ସଂକ୍ରାନ୍ତ ପରାମର୍ଶବଳୀ ପ୍ରଦାନ କରାଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ସେଠାରେ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ଏବଂ ଅନ୍ୟାନ୍ୟ ସମୟୋପଯୋଗୀ ସତର୍କତା ଓ ସ୍ଥାନାନ୍ତର ସୁବିଧା ସୁନିଶ୍ଚିତ କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ପର୍ଯ୍ୟଟନ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଶେଖାୱତ ଗୃହରେ ସୂଚନା ଦେଇଛନ୍ତି ।

# ସୋନୱାଲ-ପୋର୍ଟ ସିକ୍ୟୁରିଟି କନ୍‌ଫରେନ୍ସ

ବନ୍ଦର ସୁରକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟୁଛି ବୋଲି ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଜାତୀୟ ବନ୍ଦର ସୁରକ୍ଷା ସମ୍ମିଳନୀ ୨୦୨୬କୁ ସମ୍ବୋଧନ କରି ଶ୍ରୀ ସୋନୱାଲ କହିଛନ୍ତି, ସାଇବର ସୁରକ୍ଷା, ଡ୍ରୋନ୍ ବ୍ୟବହାର, ଯୋଗାଣ ଶୃଙ୍ଖଳରେ ପ୍ରତିବନ୍ଧକର ମୁକାବିଲା, ଡିଜିଟାଲ ନେଟୱର୍କ କ୍ଷେତ୍ରରେ ରହିଥିବା ସମସ୍ୟାର ସମାଧାନ, ସୂଚନା ପ୍ରଣାଳୀ ଓ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷେତ୍ର ସାମୁଦ୍ରିକ ସୁରକ୍ଷାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ବନ୍ଦର ସୁରକ୍ଷା ଏକ ସମ୍ମିଳିତ ଜାତୀୟ ଦାୟିତ୍ୱ । ସୃଷ୍ଟ ଆହ୍ୱାନ ସଂପର୍କରେ ପୂର୍ବାନୁମାନ କରିବା ବର୍ତ୍ତମାନ ସମୟ ସବୁଠାରୁ ବଡ଼ ଆବଶ୍ୟକତା ବୋଲି ଶ୍ରୀ ସୋନୱାଲ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱସ୍ତରରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି

ଭାବେ ଉଭା ହୋଇଛି । ଭାରତୀୟ ବନ୍ଦରଗୁଡ଼ିକର ବିସ୍ତାର ଲାଭ କରିବା ସହ ଅନ୍ୟ କାରବାର ବୃଦ୍ଧି ପାଉଛି । ପରିଚାଳନାଗତ ନେଟୱର୍କ ଅଧିକ ସମନ୍ୱିତ ହେବା ସହ ସାଗରମାଳା ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା, ୨୦୩୦ ସାମୁଦ୍ରିକ ଭାରତ ଦୃଷ୍ଟିକୋଣ ଏବଂ ୨୦୪୭ ସାମୁଦ୍ରିକ ଅମୃତକାଳ ଚିନ୍ତାଧାରା ଆଧାରରେ ସାମୁଦ୍ରିକ ଭିତ୍ତିଭୂମି ଅଧିକ ସଶକ୍ତ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ସୋନୱାଲ କହିଛନ୍ତି ।

---

## ବ୍ରିକ୍ସ

ମୁମ୍ବାଇରେ ଆଜି ବ୍ରିକ୍ସ ୱେଭ୍‌ସ ବଜାର ଆରମ୍ଭ ହୋଇଛି । ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ମହାରାଷ୍ଟ୍ର ସଂସ୍କୃତି ମନ୍ତ୍ରୀ ଆଶିଷ ସେଲାର, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଚଞ୍ଚଳ କୁମାର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଛନ୍ତି । ଏହି ପ୍ରମୁଖ ଆନ୍ତର୍ଜାତିକ ବଜାରରେ ବ୍ରିକ୍ସ ସଦସ୍ୟ ତଥା ଅଂଶୀଦାର ଦେଶଗୁଡ଼ିକର ୫୦୦ରୁ ଅଧିକ ପ୍ରତିନିଧି ଅଂଶ ଗ୍ରହଣ କରୁଛନ୍ତି । ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନା ବୈଠକ, ସନ୍ଦର୍ଭ ଉପସ୍ଥାପନ, ବି ଟୁ ବି ଜୋନ୍ ବୈଠକ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟ ଆଧାରିତ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

---

## ରାଜନାଥ ପାର୍ଲାମେଣ୍ଟାରୀ କମିଟି ମିଟିଂ

ନୂଆଦିଲ୍ଲୀରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ସଂକ୍ରାନ୍ତ ସଂସଦୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଆଞ୍ଚଳିକ  ସେନାର କାର୍ଯ୍ୟାଦେଶ, ଭୂମିକା ଏବଂ ପ୍ରମୁଖ ସଫଳତାଗୁଡ଼ିକ ଉପରେ ବୈଠକରେ ମତ ବିନିମୟ ହୋଇଛି ।

ଏହି ବାହିନୀକୁ ଅଧିକ ସଶକ୍ତ କରିବା ଏବଂ ସାମଗ୍ରିକ କ୍ଷେତ୍ରରେ ପ୍ରଭାବଶାଳୀ ଢ଼ଙ୍ଗରେ ଉପଯୋଗ ନେଇ ବୈଠକରେ ଆଲୋଚନା ହୋଇଛି । ଆଞ୍ଚଳିକ ସେନା ନାଗରିକ-ସୈନିକ ଦୃଷ୍ଟିକୋଣ ଏକ ପ୍ରତୀକ ବୋଲି ପ୍ରତିରକ୍ଷାମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଆବଶ୍ୟକସ୍ଥଳେ ଏହି ସେନାର ଯବାନ ସୀମା ସୁରକ୍ଷା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି । ଆଞ୍ଚଳିକ ସେନାରେ ଏବେ ପ୍ରାୟ ୪୪ ହଜାର ୪୦୦କର୍ମଚାରୀ ଅଛନ୍ତି । ସେମାନଙ୍କୁ ୫୯ଟି ବିଭିନ୍ନ ୟୁନିଟ୍‌ରେ ବିଭକ୍ତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସିଂ ବୈଠକରେ ସୂଚନା ଦେଇଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ସେନାର କର୍ମଚାରୀ ତୁରନ୍ତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ ପ୍ରଦାନ କରିଥାନ୍ତି । ସାଂପ୍ରତିକ ବନ୍ୟା ପରିସ୍ଥିତିରେ ଏହି ସେନାର ଯବାନ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

## ଯୋଶୀ –ସିଆଇଆଇ

କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ଦେଶରେ ପିଏମ୍. ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଲାଭାନ୍ୱିତ ହୋଇଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସିଆଇଆଇ ଆନ୍ତର୍ଜାତିକ ଶକ୍ତି ସମ୍ମିଳନୀ ଏବଂ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ଦେଶରେ ବର୍ତ୍ତମାନ ୧୯ ଲକ୍ଷ ପରିବାର ଶୂନ୍ୟ ବିଜୁଳି ବିଲ୍ ସୁବିଧା ପାଉଛନ୍ତି । ଶ୍ରୀ ଯୋଶୀ କହିଛନ୍ତି, ଏହି ଯୋଜନା ଅଧୀନରେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ବଳକା ବିଜୁଳି ବିକ୍ରିକରି ୪୨୧ କୋଟି ଟଙ୍କା ପାଇଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା

ଅଣଜୀବାଶ୍ମ କ୍ଷେତ୍ରରେ ଦେଶ ୫୦୦ ଗିଗାୱାଟ ଶକ୍ତି ହାସଲ କରିବା ଲକ୍ଷ୍ୟରେ ଆଗେଇ ଚାଲିଛି । ଏ ଦିଗରେ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ଶିଳ୍ପ ସଂସ୍ଥାଗୁଡ଼ିକ ସହ ଆଲୋଚନା ମାଧ୍ୟମରେ ସଫଳତା ହାସଲ କରିବା ପାଇଁ ପ୍ରତିବଦ୍ଧ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

---

## ଏଏଚ୍ଏଫ୍ ହକି

ଆସନ୍ତା ଏଏଚ୍ଏଫ୍ ଜୁନିୟର ଏସୀୟ କପ୍ ହକି ପ୍ରତିଯୋଗିତା ପାଇଁ ହକି ଇଣ୍ଡିଆ ୧୮ ଜଣିଆ ଭାରତୀୟ ଜୁନିୟର ମହିଳା ଦଳ ଘୋଷଣା କରିଛି । ନବନିଯୁକ୍ତ ପ୍ରଶିକ୍ଷକଙ୍କ ଅଧୀନରେ ଏହି ଦଳର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ହକି ଇଣ୍ଡିଆ କହିଛି । ଚୀନ୍ର ମୋକି ଠାରେ ଆସନ୍ତା ୩୦ରୁ ସେପ୍ଟେମ୍ବର ମାସ ୧୩ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ରହିଛି ।

---

## ଯୁ-୨୦

ଯୁକ୍ତରାଷ୍ଟ୍ର ଆମେରିକାର ୟୁଜନ୍ ଠାରେ ଚାଲିଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍ଲେଟିକ୍ ଚମ୍ପିୟାନ୍ସିପ୍ ପ୍ରତିଯୋଗିତାରେ ଭାରତ ଜାଭେଲିନ୍ ଥ୍ରୋ ଖେଳାଳି ଆଶିଷ ଯାଦବ ଏବଂ ଟି. ଧରଣୀଧରନ୍ ତଥା ଡିସ୍କସ୍ ଥ୍ରୋ ଖେଳାଳି ଅମାନତ୍ କାମ୍ବୋଜ୍ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

ମହିଳା ଡିସ୍କସ୍ ଥ୍ରୋ ପ୍ରତିଯୋଗିତାରେ ଅମାନତ୍ ଚଳିତବର୍ଷର ଖେଳରେ ୫୨ ଦଶମିକ ୫/୮ ମିଟର ଥ୍ରୋ କରି ଗ୍ରୁପ୍-ଏ ଯୋଗ୍ୟତା ପର୍ଯ୍ୟାୟରେ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି ।

---